# NATIONAL NEWS BULLETIN (ODIA)

**23 November- 2025**

**Mid Bulletin : 1.50 p.m.**

## ମୁଖ୍ୟ ସମ୍ବାଦ

- ଜୋହାନ୍ସବର୍ଗରେ ଜି-୨୦ ଶିଖର ସମ୍ମିଳନୀର ତୃତୀୟ ଅଧିବେଶନକୁ ସମ୍ବୋଧନ କରିବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ

– ଆଜି ଶେଷ ହେଉଛି ସମ୍ମିଳନୀ

- ଭାରତ ଏବଂ ଇସ୍ରାଏଲ ପ୍ରସ୍ତାବିତ ମୁକ୍ତବାଣିଜ୍ୟ ରାଜିନାମାକୁ ଦୁଇଟି ପର୍ଯ୍ୟାୟରେ କାର୍ଯ୍ୟକାରୀ ପାଇଁ ବିଚାର କରୁଛନ୍ତି ଉଭୟ ଦେଶ

- ଭିଏତନାମରେ ବନ୍ୟା ଏବଂ ଭୂସ୍ଖଳନଜନିତ ମୃତ୍ୟୁ ସଂଖ୍ୟା ୯୦କୁ ବୃଦ୍ଧି

ଏବଂ

- ଗୌହାଟୀର ବର୍ଷାପାରା ଷ୍ଟାଡିୟମ୍‌ରେ ଅନ୍ତିମ କ୍ରିକେଟ ଟେଷ୍ଟ ମ୍ୟାଚ୍‌ରେ ଦକ୍ଷିଣ ଆଫ୍ରିକାର ପ୍ରଥମ ଇନିଂସ ବ୍ୟାଟିଂ ଜାରି

# ପିଏମ୍-ଜି-୨୦ ବାଲିଲେଟରାଲ

ଛଦକ୍ଷିଣ ଆଫ୍ରିକାର ଜୋହାନ୍ସବର୍ଗରେ ଆଜି ଜି-୨୦ ନେତାଙ୍କ ସମ୍ମିଳନୀ ଶେଷ ହେବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପ୍ରଥମଥର ପାଇଁ ଆଫ୍ରିକୀୟ ଦେଶରେ ଆୟୋଜିତ ଏହି ସମ୍ମିଳନୀରେ ଅଂଶଗ୍ରହଣ କରିବା ପାଇଁ ତିତିଦିନିଆ ଗସ୍ତରେ ଯାଇ ଶୁକ୍ରବାର ଦିନ ଜୋହାନ୍ସବର୍ଗରେ ପହଁଞ୍ଚିଥିଲେ। ପ୍ରଧାନମନ୍ତ୍ରୀ ଆଜି ଶିଖର ସମ୍ମିଳନୀ ଅବସରରେ ଦକ୍ଷିଣ ଆଫ୍ରିକା ରାଷ୍ଟ୍ରପତି  ସିରିଲ୍ ରାମାଫୋସାଙ୍କ ସହ ଏକ ଦ୍ୱିପାକ୍ଷିକ ବୈଠକ କରିଛନ୍ତି। ବର୍ତ୍ତମାନ ଭାରତ, ବ୍ରାଜିଲ୍, ଦକ୍ଷିଣ ଆଫ୍ରିକା– ଇବ୍‌ସା' ନେତାଙ୍କ ବୈଠକ ଚାଲିଛି। ସେଠାରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଭାରତୀୟ ପ୍ରତିନିଧି ମଣ୍ଡଳୀ ଉପସ୍ଥିତ ଅଛନ୍ତି। ଇବ୍‌ସା' ଏକ ଅନନ୍ୟ ତ୍ରିପାକ୍ଷିକ ମଞ୍ଚ, ଯାହା ଏସିଆନ୍, ଦକ୍ଷିଣ ଆମେରିକା ଏବଂ ଆଫ୍ରିକାର ତିନୋଟି ପ୍ରମୁଖ ଗଣତନ୍ତ୍ର ଏବଂ ଉଦୀୟମାନ ଅର୍ଥନୀତିକୁ ଏକାଠି କରିଥାଏ। ଆଜି ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଅନ୍ୟ ନେତୃବୃନ୍ଦଙ୍କ ସହ ଯୋଗଦେବେ ଏବଂ ଜି-୨୦ ଶିଖର ସମ୍ମିଳନୀର ତୃତୀୟ ଅଧିବେଶନରେ ସମ୍ବୋଧନ କରିବାର କାର୍ଯ୍ୟସୂଚୀ ରହିଛି। ଏତଦ୍‌ବ୍ୟତୀତ ପ୍ରଧାନମନ୍ତ୍ରୀ' ଜାପାନ୍ ପ୍ରଧାନମନ୍ତ୍ରୀ ସାନାଏ ଟାକା, କାନାଡ଼ା ପ୍ରଧାନମନ୍ତ୍ରୀ ମାର୍କ କାର୍ଣ୍ଣି ଏବଂ ଇଟାଲୀ ପ୍ରଧାନମନ୍ତ୍ରୀ ଜର୍ଜିଆ ମେଲୋନୀଙ୍କ ସହ ଦ୍ୱିପାକ୍ଷିକ ବୈଠକର କରିବାର କାର୍ଯ୍ୟକ୍ରମ ରହିଛି।

# ଏମ୍ଇଏ ବ୍ରିଫିଂ

ଏକତା, ସମାନତା ଏବଂ ସ୍ଥିରତା ପ୍ରମୁଖ ବିଷୟବସ୍ତୁ ଅନ୍ତର୍ଗତ ଚଳିତ ବର୍ଷର ଜି-୨୦ ଦକ୍ଷିଣ ଆଫ୍ରିକା ରାଷ୍ଟ୍ରପତିଙ୍କ ଦ୍ୱାରା ଚିହ୍ନିତ

ଚାରୋଟି ପ୍ରମୁଖ ପ୍ରାଥମିକତା ଉପରେ ଦୃଢ଼ ବାର୍ତ୍ତା ଦେଇଛି । ଗତକାଲି ଜୋହାନ୍ସବର୍ଗରେ ଏକ ସ୍ୱତନ୍ତ୍ର ପ୍ରେସ ବିବୃତିରେ ବୈଦେଶିକ ମନ୍ତ୍ରଣାଳୟର ଅର୍ଥନୈତିକ ସମ୍ପର୍କ ସଚିବ ସୁଧାକର ଦଲେଲା ଏହା କହିଛନ୍ତି । ଏଗୁଡ଼ିକ ମଧ୍ୟରେ ବିପର୍ଯ୍ୟୟ ସ୍ଥିରତା ଏବଂ ପ୍ରତିକ୍ରିୟାକୁ ସୁଦୃଢ଼ କରିବା, ନିମ୍ନ ଆୟକାରୀ ଦେଶମାନଙ୍କ ପାଇଁ ଋଣ ସ୍ଥିରତା ସୁନିଶ୍ଚିତ କରିବା, ସ୍ଥାୟୀ ଆର୍ଥିକ ଅଭିବୃଦ୍ଧି ପାଇଁ ଗୁରୁତ୍ୱପୂର୍ଣ୍ଣ ଖଣିଜ ବ୍ୟବହାର କରିବା ଏବଂ ଏକ ନ୍ୟାୟପୂର୍ଣ୍ଣ ଶକ୍ତି ରୂପାନ୍ତରଣ ପାଇଁ ଆର୍ଥିକ ପରିଚାଳନା ଆଦି ଅନ୍ତର୍ଭୁକ୍ତ । ଭାରତର ଜି-୨୦ ସଭାପତିତ୍ୱ ସମୟରେ ନିଆଯାଇଥିବା ଅନେକ ପଦକ୍ଷେପ ଏବଂ ଫଳାଫଳ ସମଗ୍ର ଗୋଷ୍ଠୀରେ ବିକଶିତ ହୋଇଛି । ଶିଖର ସମ୍ମିଳନୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଭୂମିକା ଉପରେ ଆଲୋକପାତ କରି ଶ୍ରୀ ଦଲେଲା କହିଛନ୍ତି, ପ୍ରଧାନମନ୍ତ୍ରୀ ଦକ୍ଷ ପ୍ରବାସ, ପର୍ଯ୍ୟଟନ, ଖାଦ୍ୟ ସୁରକ୍ଷା, କୃତ୍ରିମ ବୁଦ୍ଧିମତା, ଡିଜିଟାଲ ଅର୍ଥନୀତି, ନବସୃଜନ ଏବଂ ମହିଳା ସଶକ୍ତୀକରଣ ସମେତ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ଦକ୍ଷିଣ ଆଫ୍ରିକାର ରାଷ୍ଟ୍ରପତିଙ୍କ କାର୍ଯ୍ୟକୁ ଶ୍ରୀ ମୋଦୀ ପ୍ରଶଂସା କରିଛନ୍ତି ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବିଶ୍ୱର ବିକାଶ ନିମନ୍ତେ ୬ଟି ନୂଆ ପ୍ରସ୍ତାବ ଦେଇଛନ୍ତି । ଏହିସବୁ ପ୍ରସ୍ତାବଗୁଡ଼ିକ ମଧ୍ୟରେ ବିଶ୍ୱ ପାରମ୍ପରିକ ଜ୍ଞାନଭଣ୍ଡାର ସ୍ଥାପନା, ଆଫ୍ରିକୀୟ ଦକ୍ଷତାମୂଳକ କାର୍ଯ୍ୟକ୍ରମ, ବିଶ୍ୱ ସ୍ୱାସ୍ଥ୍ୟସେବା, ନିଶାଦ୍ରବ୍ୟ-ଆତଙ୍କବାଦର ମୁକାବିଲା, ମୁକ୍ତ ଉପଗ୍ରହ ତଥ୍ୟ ଆଦାନପ୍ରଦାନ ଏବଂ ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥ ଆଦି ରହିଛି । ଶ୍ରୀ ଦଲେଲା କହିଛନ୍ତି, ପ୍ରଧାନମନ୍ତ୍ରୀ ବିଶ୍ୱ ଶାସନ ଗଠନରେ ଦକ୍ଷିଣ ବିଶ୍ୱ ପାଇଁ ଏକ ଦୃଢ଼ ସ୍ୱର ସୁନିଶ୍ଚିତ କରିବାର ଗୁରୁତ୍ୱକୁ ମଧ୍ୟ ଦୋହରାଇଛନ୍ତି । ସେ କହିଛନ୍ତି, ପ୍ରଧାନମନ୍ତ୍ରୀ ଦୁଇ ବର୍ଷ ପୂର୍ବେ ନୂଆଦିଲ୍ଲୀରେ ଆୟୋଜିତ ଜି-

୨୦ର ଅଧ୍ୟକ୍ଷତା ସମୟରେ ସ୍ଥାୟୀ ସଦସ୍ୟଭାବେ ଆଫ୍ରିକୀୟ ସଂଘକୁ ସାମିଲ କରାଯିବା ପାଇଁ ପ୍ରସ୍ତାବ ଦେଇ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇଥିଲେ। ଏତଦ୍‌ବ୍ୟତୀତ ଭାରତର ଅଧ୍ୟକ୍ଷତାରେ ଶିଖର ସମ୍ମିଳନୀରେ ଖାଦ୍ୟ ସୁରକ୍ଷା ଉପରେ ନିଆଯାଇଥିବା ନୀତିଗୁଡ଼ିକୁ ମନେପକାଇବା ସହ ଏହି ଆଭିମୁଖ୍ୟ ଖାଦ୍ୟ ସୁରକ୍ଷା ଉପରେ ଏକ ବ୍ୟାପକ ଜି-୨୦ ରୋଡ୍ ମ୍ୟାପ୍ ସୃଷ୍ଟି କରିବା ପାଇଁ ଆଧାର ପ୍ରସ୍ତୁତ କରିବ ବୋଲି ଶ୍ରୀ ଦଲେଲା ଆଶା ପ୍ରକଟ କରିଛନ୍ତି। ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ବିକଶିତ ଦେଶଗୁଡ଼ିକୁ ସେମାନଙ୍କ ଜଳବାୟୁ କାର୍ଯ୍ୟ ପ୍ରତିବଦ୍ଧତା ପୂରଣ କରିବାକୁ ଆହ୍ୱାନ ଦେଇଛି। ବିଶେଷ କରି, ବିକାଶଶୀଳ ରାଷ୍ଟ୍ରଗୁଡ଼ିକୁ ସମୟ ଅନୁସାରେ ସୁଲଭ ଆର୍ଥିକ ଏବଂ ପ୍ରଯୁକ୍ତିବିଦ୍ୟା ପ୍ରଦାନ କରିବା ଉପରେ ପ୍ରଧାନମନ୍ତ୍ରୀ ଗୁରୁତ୍ୱ ପ୍ରଦାନ କରିଛନ୍ତି ବୋଲି ଶ୍ରୀ ଦଲେଲା କହିଛନ୍ତି।

# ଇଣ୍ଡିଆ-ଇସ୍ରାଏଲ ଏଫ୍‌ଟିଏ

କେନ୍ଦ୍ର ବାଣିଜ୍ୟ ଏବଂ ଶିଳ୍ପ ମନ୍ତ୍ରୀ ପୀୟୁଷ ଗୋଏଲ କହିଛନ୍ତି, ଭାରତ ଏବଂ ଇସ୍ରାଏଲ ଉଭୟ ଦେଶର ବାଣିଜ୍ୟ ସମ୍ପ୍ରଦାୟ ପାଇଁ ଲାଭ ସୁନିଶ୍ଚିତ କରିବା ଲକ୍ଷ୍ୟରେ ପ୍ରସ୍ତାବିତ ମୁକ୍ତ ବାଣିଜ୍ୟ ରାଜିନାମା– ଏଫ୍‌ଟିଏ'କୁ ଦୁଇଟି ପର୍ଯ୍ୟାୟରେ କାର୍ଯ୍ୟ କରିବା ବିଷୟରେ ବିଚାର କରୁଛନ୍ତି। ଉଭୟ ଦେଶ ଏକ ଏଫ୍.ଟି.ଏ. ଉପରେ ପ୍ରଥମ ପର୍ଯ୍ୟାୟ ବାହାର କରିପାରିବେ, ଯାହା ସେମାନଙ୍କୁ ତ୍ୱରିତ ଲାଭ ପହଁଞ୍ଚାଇ ପାରିବାର ସମ୍ଭାବନା ରହିଛି। ଭାରତ ବିଶ୍ୱର ଏକ ବିଶ୍ୱସ୍ତ ବନ୍ଧୁ ତଥା ଅଂଶୀଦାର ଭାବେ ଉଭା ହେଉଛି ବୋଲି ଶ୍ରୀ ଗୋଏଲ କହିଛନ୍ତି।

**V/O– Piyush Goyal**

ଭାରତ ଏବଂ ଇସ୍ରାଏଲ ଗତ ଗୁରୁବାର ଚୁକ୍ତିନାମା ପାଇଁ ଆନୁଷ୍ଠାନିକ ଭାବେ ଆଲୋଚନା ଆରମ୍ଭ କରିବା ପାଇଁ ସର୍ତ୍ତାବଳୀରେ ସ୍ୱାକ୍ଷର କରିଛନ୍ତି। ସର୍ତ୍ତାବଳୀରେ ଶୁଳ୍କ ଏବଂ ଅଣଶୁଳ୍କ ପ୍ରତିବନ୍ଧକଗୁଡ଼ିକୁ ଦୂର କରି ସାମଗ୍ରୀ ପାଇଁ ବଜାର ପ୍ରବେଶ, ନିବେଶ ସୁବିଧା, କଷ୍ଟମ ପ୍ରକ୍ରିୟାର ସରଳୀକରଣ, ନବସୃଜନ ଏବଂ ପ୍ରଯୁକ୍ତିବିଦ୍ୟା ସ୍ଥାନାନ୍ତର ପାଇଁ ସହଯୋଗ ବୃଦ୍ଧି ଓ ସେବା କ୍ଷେତ୍ରରେ ବାଣିଜ୍ୟକୁ ପ୍ରୋତ୍ସାହିତ କରିବା ପାଇଁ ମାନଦଣ୍ଡକୁ ସହଜ କରିବା ଆଦି ଅନ୍ତର୍ଭୁକ୍ତ ରହିଛି।

## ରାଜନାଥ– ହରିୟାନା

ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଆସନ୍ତାକାଲି ହରିୟାଣାର କୁରୁକ୍ଷେତ୍ରରେ ଚାଲିଥିବା ଅନ୍ତର୍ଜାତୀୟ ଗୀତା ମହୋତ୍ସବରେ ହରିୟାଣା ପ୍ୟାଭିଲିୟନ୍‌ର ଉଦ୍‌ଘାଟନ କରିବେ। ଦ୍ରୌପଦୀ କୁପ ଅଞ୍ଚଳରେ କୁରୁକ୍ଷେତ୍ର ବିଶ୍ୱବିଦ୍ୟାଳୟ ଦ୍ୱାରା ହରିୟାଣା ପ୍ୟାଭିଲିୟନ୍ ପ୍ରତିଷ୍ଠା କରାଯାଇଛି। ଏହି ପ୍ୟାଭିଲିୟନ୍‌ରେ ଯୁବ କଳାକାରମାନେ ହରିୟାଣାର ଲୋକ କଳା ଏବଂ ସଂସ୍କୃତି ପ୍ରଦର୍ଶନ କରିବେ ବୋଲି ସରକାରୀ ମୁଖପାତ୍ର କହିଛନ୍ତି। କୁରୁକ୍ଷେତ୍ର ବିଶ୍ୱବିଦ୍ୟାଳୟର ଶ୍ରୀମଦ୍ ଭଗବତଗୀତା ସଦନରେ ଆସନ୍ତାକାଲି ଏକ ତିନିଦିନିଆ ଅନ୍ତର୍ଜାତୀୟ ଗୀତା ଆଲୋଚନାଚକ୍ର ମଧ୍ୟ ଉଦ୍‌ଘାଟନ କରାଯିବ। ଏହି ଆଲୋଚନାଚକ୍ରରେ ଭାରତ ଏବଂ ବିଦେଶର ବହୁ ବିଦ୍ୱାନ ଅଂଶଗ୍ରହଣ କରୁଛନ୍ତି। ମୁଖପାତ୍ର କହିଛନ୍ତି, କୁରୁକ୍ଷେତ୍ରରେ ମୁଖ୍ୟ ଅନ୍ତର୍ଜାତୀୟ ଗୀତା ଜୟନ୍ତୀ ମହୋତ୍ସବ ବ୍ୟତୀତ ବୈଦେଶିକ ମନ୍ତ୍ରଣାଳୟ ସହାୟତାରେ ୫୦ଟି ଦେଶରେ ଗୀତା ଜୟନ୍ତୀ ଉତ୍ସବ ଆୟୋଜନ କରାଯାଉଛି।

## ଜୟଶଙ୍କର-ୟୁକ୍ରେନ୍ ମିନିଷ୍ଟର

ବୈଦେଶିକ ମନ୍ତ୍ରୀ ଡକ୍ଟର ଏସ୍.ଜୟଶଙ୍କର ୟୁକ୍ରେନ୍‌ର ବୈଦେଶିକ ମନ୍ତ୍ରୀ ଆନ୍ଦ୍ରି ସିବିହାଙ୍କ ସହ ଟେଲିଫୋନ୍‌ରେ ବାର୍ତ୍ତାଳାପ କରିଛନ୍ତି। ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଡକ୍ଟର ଜୟଶଙ୍କର’ ରୁଷ୍-ୟୁକ୍ରେନ୍ ବିବାଦ ସହ ଜଡ଼ିତ ଚାଲିଥିବା ଘଟଣାବଳୀ ଉପରେ ତାଙ୍କର ସୂଚନାକୁ ପ୍ରଶଂସା କରିଛନ୍ତି। ଡକ୍ଟର ଜୟଶଙ୍କର ଏହି ବିବାଦ ଶୀଘ୍ର ସମାପ୍ତି ଏବଂ ସ୍ଥାୟୀ ଶାନ୍ତି ପ୍ରତିଷ୍ଠା ପାଇଁ ଭାରତର ସମର୍ଥନକୁ ଦୋହରାଇଛନ୍ତି।

## ଇଣ୍ଡିଆ-କପ୍୩୦ କ୍ଲୋଜିଂ

ଜଳବାୟୁ କ୍ଷେତ୍ରରେ ସମସ୍ୟା ସୃଷ୍ଟି କରିବାରେ ଯେଉଁ ରାଷ୍ଟ୍ରମାନଙ୍କର ଦାୟିତ୍ୱ ସବୁଠାରୁ କମ୍ ସେମାନଙ୍କ ଉପରେ ଜଳବାୟୁ ପରିବର୍ତ୍ତନର ହ୍ରାସର ବୋଝ ଲଦି ଦିଆଯିବା ଉଚିତ ନୁହେଁ ବୋଲି ଭାରତ ସତର୍କ କରାଇ ଦେଇଛି। ବ୍ରାଜିଲରେ ଅନୁଷ୍ଠିତ ଜଳବାୟୁ ପରିବର୍ତ୍ତନ ସଂକ୍ରାନ୍ତ ଜାତିସଂଘ ଶିଖର ସମ୍ମିଳନୀ- କପ୍୩୦’ ଉଦ୍‌ଯାପନୀ ଉତ୍ସବରେ ବିବୃତି ରଖି ଭାରତ’ ଜଳବାୟୁ ପରିବର୍ତ୍ତନର ବର୍ଦ୍ଧିତ ପ୍ରଭାବ ବିଶେଷ କରି ଦକ୍ଷିଣ ବିଶ୍ୱକୁ ସୁରକ୍ଷା ଦେବା ନେଇ ବିଶ୍ୱ ସମର୍ଥନ ପାଇଁ ଆହ୍ୱାନ ଦେଇଛି। ଏହା ଜଳବାୟୁ ଆର୍ଥିକ ସହାୟତା ପ୍ରଦାନ କରିବା ପାଇଁ ବିକଶିତ ଦେଶମାନଙ୍କ ଉପରେ ନିର୍ଭରଶୀଳତାକୁ ପ୍ରଶଂସା କରିଛି। ବିଜ୍ଞାନ ଆଧାରିତ ଏବଂ ସମାନ ଜଳବାୟୁ କାର୍ଯ୍ୟ ପ୍ରତି ଏହାର ପ୍ରତିବଦ୍ଧତା ଉପରେ ଗୁରୁତ୍ୱାରୋପ କରି ଭାରତ କହିଛି, ଜଳବାୟୁ ମହତ୍ତ୍ୱାକାଂକ୍ଷା ଅନ୍ତର୍ଭୁକ୍ତ ନ୍ୟାୟପୂର୍ଣ୍ଣ ଏବଂ ସମାନ ହେବା ନିଶ୍ଚିତ କରିବା ପାଇଁ ସମସ୍ତ ପକ୍ଷଙ୍କୁ କାର୍ଯ୍ୟ କରିବାକୁ ପଡ଼ିବ।

# ଏକ୍ସପୋର୍ଟ ପ୍ରୋମୋସନ୍ ମିଶନ

ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରଣାଳୟ ପକ୍ଷରୁ ୨୫ ହଜାର ୬୦ କୋଟି ଟଙ୍କାର ରପ୍ତାନୀ ପ୍ରସାର ଅଭିଯାନ– ଇପିଏମ୍’ ପାଇଁ ଆସନ୍ତା ସପ୍ତାହରେ ନିର୍ଦ୍ଦେଶାବଳୀ ପ୍ରକାଶିତ ହେବ। କେନ୍ଦ୍ର ବାଣିଜ୍ୟ ଏବଂ ଶିଳ୍ପ ମନ୍ତ୍ରୀ ପୀୟୁଷ ଗୋଏଲ’ କହିଛନ୍ତି, ୟୁରୋପୀୟ ସଂଘକୁ ସାମୁଦ୍ରିକ ଉତ୍ପାଦ ଯୋଗାଣ ପାଇଁ ଅତିରିକ୍ତ ୧୦୮ଟି ଘରୋଇ ମତ୍ସ୍ୟପାଳନ ୟୁନିଟ୍ ଅନୁମୋଦନ କରାଯାଇଛି। ରୁଷ୍ ମଧ୍ୟ ୨୫ଟି ଭାରତୀୟ ମତ୍ସ୍ୟପାଳନ ୟୁନିଟ୍ ଅନୁମୋଦନ କରୁଛି ଏବଂ ରୁଷ୍‌ରୁ ଏକ ବଡ଼ ପ୍ରତିନିଧି ମଣ୍ଡଳୀ ଆସନ୍ତା ମାସ ୫ ତାରିଖରେ ଭାରତ ଆସୁଛନ୍ତି। ସରକାର ନଭେମ୍ବର ୧୨ ତାରିଖରେ ୨୦୨୫-୨୬ରୁ ଆରମ୍ଭ ହେଉଥିବା ୬ଟି ଆର୍ଥିକ ବର୍ଷ ପାଇଁ ୨୫ ହଜାର ୬୦ କୋଟି ଟଙ୍କାର ଇପିଏମ୍ ଅନୁମୋଦନ କରିଛନ୍ତି। ଯାହାଦ୍ୱାରା ରପ୍ତାନୀକାରୀମାନେ ଆମେରିକା ଦ୍ୱାରା ଲାଗୁ କରାଯାଇଥିବା ଉଚ୍ଚଶୁଳ୍କ ସହିତ ମୁକାବିଲ କରିପାରିବେ।

# ଭିଏତନାମ-ଫ୍ଲଡ୍

ଭିଏତନାମରେ ବନ୍ୟା ଏବଂ ଭୂସ୍ଖଳନ ଜନିତ ମୃତ୍ୟୁସଂଖ୍ୟା ୯୦ରେ ପହଁଞ୍ଚିଛି। ଏତଦ୍‌ବ୍ୟତୀତ ୧୨ ଜଣ ନିଖୋଜ ଥିବା ସୂଚନା ମିଳିଛି। ପ୍ରବଳ ବର୍ଷା ଏବଂ ବନ୍ୟା ଯୋଗୁଁ ଏହି ଅଞ୍ଚଳରେ ୧ ହଜାର ୧୫୪ ଘର ଏବଂ ୮୦ ହଜାର ୮୦୦ ହେକ୍ଟରରୁ ଅଧିକ ଧାନ ଏବଂ ଅନ୍ୟାନ୍ୟ ଫସଲ କ୍ଷତିଗ୍ରସ୍ତ ହୋଇଛି। ଆର୍ଥିକ କ୍ଷତି ପ୍ରାୟ ୩୫୮ ନିୟୁତ ଆମେରିକୀୟ ଡଲାର ହେବ ବୋଲି ଆକଳନ କରାଯାଉଛି। ଭିଏତନାମ ପ୍ରଧାନମନ୍ତ୍ରୀ ଫାମ୍ ମିନ୍ ଚିନ୍ କେନ୍ଦ୍ରୀୟ ପ୍ରଦେଶଗୁଡ଼ିକରେ ଗମ୍ଭୀର ବନ୍ୟା ଏବଂ

ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ପାଇଁ ଅଭିଯାନକୁ ତ୍ୱରାନ୍ୱିତ କରିବା ପାଇଁ ଆହ୍ୱାନ ଦେଇଛନ୍ତି।

## କ୍ରିକେଟ

ଗୌହାଟୀର ବର୍ଷାପାରା ଷ୍ଟାଡିୟମ୍‌ରେ ଖେଳାଯାଉଥିବା ଭାରତ–ଦକ୍ଷିଣ ଆଫ୍ରିକା ଦ୍ୱିତୀୟ ତଥା ଚୂଡ଼ାନ୍ତ ଟେଷ୍ଟ ମ୍ୟାଚ୍‌ର ଦ୍ୱିତୀୟ ଦିନରେ ଦକ୍ଷିଣ ଆଫ୍ରିକାର ପ୍ରଥମ ଇନିଂସ ବ୍ୟାଟିଂ ଜାରି ରହିଛି। ସମ୍ବାଦ ପ୍ରସ୍ତୁତ ହେବା ବେଳକୁ ଦକ୍ଷିଣ ଆଫ୍ରିକା ମଧ୍ୟାହ୍ନ ଭୋଜନ ବିରତି ସୁଦ୍ଧା ୭ ୱିକେଟ୍ ହରାଇ ୪୨୮ ରନ୍ ସଂଗ୍ରହ କରିଛି। ଦୁଇ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ଶୃଙ୍ଖଳାରେ ଦକ୍ଷିଣ ଆଫ୍ରିକା ୧-୦ରେ ଆଗୁଆ ରହିଛି।

## ଅଷ୍ଟ୍ରେଲିଆ ଓପନ୍

ଅଷ୍ଟ୍ରେଲିଆ ଓପନ ବ୍ୟାଡମିଣ୍ଟନ ପ୍ରତିଯୋଗିତାରେ ଭାରତୀୟ ଖେଳାଳି ଲକ୍ଷ୍ୟ ସେନ୍ ପୁରୁଷ ଏକକ ଫାଇନାଲ ପର୍ଯ୍ୟାୟକୁ ଉନ୍ନୀତ ହୋଇଛନ୍ତି । ସେ ଗତକାଲି ସିଡ୍‌ନୀରେ ଅନୁଷ୍ଠିତ ସେମିଫାଇନାଲ ମ୍ୟାଚ୍‌ରେ ଚାଇନିଜ୍ ତାଇପେଇର ଖେଳାଳିଙ୍କୁ ୧୭-୨୧, ୨୪-୨୨ ଏବଂ ୨୧-୧୬ରେ ପରାସ୍ତ କରିଥିଲେ । ପୂର୍ବରୁ ଲକ୍ଷ୍ୟ ସେନ୍ ଭାରତର ଅନ୍ୟତମ ଖେଳାଳି ଆୟୁଷ ସେଟୀଙ୍କୁ କ୍ୱାର୍ଟର ଫାଇନାଲରେ ପରାସ୍ତ କରିଥିଲେ ।